

ଟୀପ୍‌ପଣୀ

ଦ୍ୱାରା ସଂଯୁକ୍ତ କରାଯାଉଛି । ଏହା କେବଳ ଦୂରତାକୁ ହ୍ରାସ କରିନାହିଁ, ଏହାଦ୍ୱାରା ମଧ୍ୟ ବିଭିନ୍ନ ଅଞ୍ଚଳର ଲୋକମାନେ ପରସ୍ପରର ନିକଟତର ହୋଇଛନ୍ତି । ଅନ୍ୟ ଶବ୍ଦରେ କହିଲେ ଭିନ୍ନ ସଂସ୍କୃତିର ଓ ଭିନ୍ନ ଭିନ୍ନ ସାମାଜିକ ସ୍ତର ର ଲୋକମାନେ ପରସ୍ପର ସହ ମିଳାମିଶା କରିବାକୁ ଆରମ୍ଭ କରିଛନ୍ତି, ଏହା ସାଂସ୍କୃତିକ ବିନିମୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବାଧା ବନ୍ଧନ କୁ ଭାଙ୍ଗି, ନୂତନ ଉତ୍ତମ ବୁଝାମଣା ସୃଷ୍ଟି କରିଛି । ଏହା ସହିତ ଏହା ଦ୍ୱାରା ଅଣକୁଶଳୀ ଠାରୁ ଆରମ୍ଭ କରି ଅତିକୁଶଳୀ କର୍ମନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି । ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ ରେଳବାଇ କେବଳ ଏକ ପରିବହନ ମାଧ୍ୟମ ନୁହେଁ, ଏହା ବିକାଶର ବାହକ ମଧ୍ୟ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୮.୩

୧. ସାମାଜିକ ପରିବର୍ତ୍ତନ କହିଲେ କ'ଣ ବୁଝ ?

୨. ସାମାଜିକ ପରିବର୍ତ୍ତନ ର ଲକ୍ଷଣ ସବୁ ଲେଖ ?

୩. କ୍ରମ-ବିକାଶ କହିଲେ କ'ଣ ବୁଝାଯାଏ ?

୪. ବିପ୍ଳବ, ପ୍ରତି-ବିପ୍ଳବ ଠାରୁ କିପରି ଭିନ୍ନ ?

୫. "ପ୍ରଗତି" ଓ "ବିକାଶ" ମଧ୍ୟରେ ଦୁଇଟି ପାର୍ଥକ୍ୟ ଦର୍ଶାଅ ।

## ୧୮.୪ ସାମାଜିକ ପରିବର୍ତ୍ତନ ର ତତ୍ତ୍ୱ ବା ସିଦ୍ଧାନ୍ତ (Theories of Social Change)

ସମାଜ ବିଜ୍ଞାନୀ ମାନଙ୍କ ଦ୍ୱାରା ଦିଆଯାଇଥିବା ସାଧାରଣ ସିଦ୍ଧାନ୍ତ ସବୁ କୁ (ଯାହା ସାମାଜିକ ପରିବର୍ତ୍ତନକୁ ବ୍ୟାଖ୍ୟା କରନ୍ତି) ମୁଖ୍ୟତଃ ଚାରିଟି ତତ୍ତ୍ୱରେ ବିଭକ୍ତ କରାଯାଇଛି । ସେମାନେ ହେଲେ –

୧. କ୍ରମ-ବିକାଶ ତତ୍ତ୍ୱ (evolutionary Theory)
୨. ଆବର୍ତ୍ତନ (ଚକ୍ରୀୟ) ତତ୍ତ୍ୱ (Cyclical Theory)
୩. ପ୍ରକାର୍ଯ୍ୟାତ୍ମକ ତତ୍ତ୍ୱ (Functional Theory)
୪. ସଂଘର୍ଷ ତତ୍ତ୍ୱ (Conflict Theory)

**୧. କ୍ରମ-ବିକାଶ ତତ୍ତ୍ୱ (evolutionary Theory) :** ଏହା ବିଶ୍ୱାସ କରାଯାଏ ଯେ ଜୈବିକ ସଂରଚନା (Organism) ମାନଙ୍କ ଭଳି ସମାଜ ମାନେ ମଧ୍ୟ ବିକାଶ ଲାଭ କରିଥାନ୍ତି । ଡାରୱିନ ଙ୍କର ଜୈବିକ କ୍ରମ ବିକାଶ ଧାରଣା, "ଶକ୍ତି ଶାଳୀ ର ଅସ୍ତିତ୍ୱ ରହେ" (Survival of the










fittest) ଏହି ଧାରଣା କୁ ପ୍ରମାଣିତ କରିଛି । ଅନ୍ୟ ଶବ୍ଦରେ ସମାଜ ମାନେ କ୍ରମବର୍ଦ୍ଧିଷ୍ଣୁ ଜଟିଳତା ଆଧାରରେ ଧୀରେ ଧୀରେ ସ୍ତରକୁ ସ୍ତର କ୍ରମାନ୍ୱୟରେ ଅଧିକ ବିକଶିତ ଓ ପ୍ରଗତିଶୀଳ ସ୍ଥିତି କୁ ଗତି କରିଥାନ୍ତି । ଏହି ତତ୍ତ୍ୱ ଅନୁସାରେ ବିକାଶ ର ପ୍ରତ୍ୟେକ ନୂତନ ସ୍ତର ଏହାର ପୂର୍ବବର୍ତ୍ତୀ ସ୍ତର ଠାରୁ ଉନ୍ନତ ଓ ଭିନ୍ନ । 'କ୍ରମ-ବିକାଶ' କହିଲେ ସଂପର୍କୀତ ପରିବର୍ତ୍ତନ ମାନଙ୍କର କ୍ରମ-ସମୁହର (Series) ଏକ ବ୍ୟବସ୍ଥିତ ସ୍ୱରୂପ କୁ ବୁଝାଯାଏ । ଏହି ପ୍ରକ୍ରିୟାରେ ଏକ 'ବସ୍ତୁ' (thing) ର ଲୁକ୍କାୟିତ ଲକ୍ଷଣ ମାନେ ଆତ୍ମପ୍ରକାଶ କରିଥା'ନ୍ତି । ପରିବର୍ତ୍ତିତ ଏକକ ରେ ପରିବର୍ତ୍ତନ ଘଟିବା ନିହାତି ଜରୁରୀ ଅଟେ ।

୨. **ଆବର୍ତ୍ତନ (ଚକ୍ରୀୟ) ତତ୍ତ୍ୱ (Cyclical Theory) :** ଏହି ତତ୍ତ୍ୱ ସମାଜମାନଙ୍କର ପୂର୍ବ-ନିର୍ଦ୍ଧାରିତ ଜୀବନାବର୍ତ୍ତ (ଅର୍ଥାତ୍ ଜନ୍ମ, ବିକାଶ/ବୃଦ୍ଧି, ପରିପକ୍ୱତା ଓ ମୃତ୍ୟୁ) ଉପରେ ପର୍ଯ୍ୟବସିତ । ସମୁଦ୍ରରେ ଅସୁଥିବା ତରଙ୍ଗ ଭଳି ମହାନ ସଂସ୍କୃତିମାନେ ଉଦିତ ହୁଅନ୍ତି, ଶିଖର କୁ ଉଠି ପୁଣି ଖସି ପଡ଼ି ଅନ୍ୟ ମାନଙ୍କ ର ଉଦୟ କୁ ସୁଯୋଗ ଦିଅନ୍ତି । ଏହି କାର୍ଯ୍ୟାବଳୀ ବାରମ୍ବାର ସଂଘଟିତ ହୋଇ ଏକ ଆବର୍ତ୍ତୀୟ ଧାରା (Cyclical Pattern) ଗ୍ରହଣ କରେ । ଠିକ୍ ସେହି ପରି ଯେପରି ଦିନ-ରାତି ର ଆବର୍ତ୍ତନ ଋତୁ ମାନଙ୍କର ଆବର୍ତ୍ତନ ସଂଘଟିତ ହୋଇଥାଏ ।




ହିନ୍ଦୁ ପୁରାଣ ଶାସ୍ତ୍ର ରେ ଥିବା ଯୁଗତତ୍ତ୍ୱ ଏହି ଆବର୍ତ୍ତନ ତତ୍ତ୍ୱର ଏକ ଉଦାହରଣ ଅଟେ । ଯୁଗତତ୍ତ୍ୱ କହିଲେ ଏହି ବିଶ୍ୱ ବ୍ରହ୍ମାଣ୍ଡର ଆରମ୍ଭ ସତ୍ୟ ଯୁଗରୁ ହୋଇ ତ୍ରେତା, ଦ୍ୱାପର ମଧ ଦେଇ କଳି ଯୁଗରେ ପହଞ୍ଚିଛି । ଏହା ଏକ ଆବର୍ତ୍ତୀୟ ଧାରା ହୋଇଥିବାରୁ କଳି ଯୁଗ ପରେ ପୁନଶ୍ଚ ସତ୍ୟ ଯୁଗ ତ୍ରେତା ଯୁଗ ଇତ୍ୟାଦିର ପୁନରାବୃତ୍ତି ଘଟିବ ।




ମିଶର, ଗ୍ରୀକ୍ ଓ ରୋମାନ ସଭ୍ୟତା ର ଉଦ୍ଭବ ରୁ ଏହା ସ୍ପଷ୍ଟ ଅନୁମିତ ହେଉଛି ଯେ ସେମାନେ ଜନ୍ମ, ପରିପକ୍ୱତା ଓ ମୃତ୍ୟୁର ଚକ୍ର ମଧ ଦେଇ ଗତି କରିଥିଲେ । ଏହା ମଧ ଦେଖାଯାଇଛି ଯେ ସମାଜମାନେ ରାଜନୈତିକ ଉନ୍ନତି ଓ ଅବକ୍ଷୟ ଦେଇ ଗତି କରି ପୁନଶ୍ଚ ସେହି ଚକ୍ରକୁ ଦୋହୋରେଇଥା'ନ୍ତି ।


୩. **ପ୍ରକାର୍ଯ୍ୟାତ୍ମକ ତତ୍ତ୍ୱ (Functional Theory)** : ଏହି ତତ୍ତ୍ୱ ଅନୁସାରେ ସାମାଜମାନେ ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ଭାରସାମ୍ୟ ଆଡକୁ ଗତି କରିଥା'ନ୍ତି । ସମାଜରେ ସୃଷ୍ଟି ହେଉଥିବା ଯେ କୌଣସି ବିରୋଧ ବା ଗଣ୍ଡଗୋଳ କୁ ପ୍ରଚଳିତ ଢାଞ୍ଚାରେ ସାମିଲ କରିଦିଆଯାଏ । ପରିବର୍ତ୍ତନ ର ଅନ୍ତର୍ନିହିତ ସ୍ରୋତ ଓ ବାହ୍ୟ ସ୍ରୋତ ସାମାଜିକ ବ୍ୟବସ୍ଥାକୁ ଏକ ସ୍ତର ରୁ ଅନ୍ୟସ୍ତର କୁ ନେଇଯା'ନ୍ତି । ଢାଞ୍ଚାଗତ ବିଭାଗୀକରଣ ଓ ସେଥିରୁ ଉତ୍ପନ୍ନ କାର୍ଯ୍ୟ-ଧାରା, ପୃଥକୀକୃତ ଅଂଗ, ନୂଆ ସଂରଚନା ଏକକ ଓ ନୂଆ ଅନୁଷ୍ଠାନ ଙ୍କୁ ଏକତ୍ର କରି ପୁନର୍ବାର ଅତୀତର ଏକକ ମାନଙ୍କର କାର୍ଯ୍ୟର ପୁନରାବୃତ୍ତି କରିଥା'ନ୍ତି । ଉଦାହରଣ ସ୍ୱରୂପ ଶିକ୍ଷା ସଂପର୍କୀୟ କାର୍ଯ୍ୟ ଯାହା ଅତୀତରେ ପରିବାର



ଟୀପ୍‌ପଣୀ

ଦ୍ୱାରା ସଂପାଦିତ ହେଉଥିଲା, ତାହା ବର୍ତ୍ତମାନ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପରି ଶିକ୍ଷାନୁଷ୍ଠାନ ମାନେ କରୁଛନ୍ତି ।

୪. **ସଂଘର୍ଷ ତତ୍ତ୍ୱ (Conflict Theory) :** ଏହି ତତ୍ତ୍ୱ ବା ସିଦ୍ଧାନ୍ତ ଅନୁସାରେ ପ୍ରତ୍ୟେକ କାର୍ଯ୍ୟ ଧାରା ବିଶ୍ୱାସ, ଓ ଆନ୍ତଃ-କ୍ରିୟା ଏକ ବିରୋଧ ପ୍ରତିକ୍ରିୟା ସୃଷ୍ଟି କରନ୍ତି । ତେଣୁ ଏହି ତତ୍ତ୍ୱ ସାମାଜିକ ବିଘଟନକୁ ଆଧାର କରି ଅସ୍ଥିରତା ସୃଷ୍ଟି କରୁଥିବା କାରକ ମାନଙ୍କୁ ଗୁରୁତ୍ୱ ଦେଇଥାଏ । ଏହା କ୍ଷମତା ଓ କର୍ତ୍ତୃତ୍ୱର ଅସମ ବଣ୍ଟନକୁ ସଂଘର୍ଷର ମୌଳିକ ସ୍ରୋତ ହିସାବରେ ଗ୍ରହଣ ଗ୍ରହଣ କରିଥାଏ । କ୍ଷମତାକୁ ଧରି ରଖିଥିବା ସମୁହମାନେ ଏହି "ସ୍ଥିତି-ରକ୍ଷା" ପାଇଁ ଚେଷ୍ଟା କରନ୍ତି ଓ ଅନ୍ୟମାନେ ଏହି ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥା'ନ୍ତି । ସମାଜର ବିଭିନ୍ନ ସମୁହ ମାନଙ୍କ ମଧ୍ୟରେ ଘଟୁଥିବା ଏହି ସଂଘର୍ଷ ସମାଜର ଢାଞ୍ଚାରେ ବିଭିନ୍ନ ପରିବର୍ତ୍ତନ ଆଣିଥା'ନ୍ତି । ତେବେ ଏହି ସଂଘର୍ଷ ଓ ଏହାର ଫଳାଫଳ ରେ ଘଟୁଥିବା ପରିବର୍ତ୍ତନ ର ପ୍ରକୃତି ଓ ଗଭୀରତା ର ଅନେକ କାରଣ ଥାଏ । ପ୍ରତ୍ୟେକ ସାମାଜିକ ସଂରଚନା, ଏହାର ସାଂପ୍ରତିକ ସ୍ଥିତି ର 'ଥେସିସ୍' ଭାବେ ଆରମ୍ଭ ହୁଏ । କିନ୍ତୁ ଏହାର ଅନ୍ତ-ର୍ନିହିତ ଅନ୍ତର୍ବିରୋଧ ବା ବିରୋଧାବସ୍ଥା ମାନ ଏହାର ଢାଞ୍ଚା କୁ ଆହ୍ୱାନ କରନ୍ତି । ଏହି ଆହ୍ୱାନ କୁ "ଆଣ୍ଟିଥେସିସ୍" କୁହନ୍ତି । ଏହି ସଂଘର୍ଷ ର ସମାଧାନ, "ସିନ୍ଥେସିସ୍" ମାଧ୍ୟମରେ ଏକ ନୂତନ ସାମାଜିକ ଢାଞ୍ଚା ସୃଷ୍ଟି କରେ, ଯେଉଁ ଥିରେ ଉଭୟ 'ଥେସିସ୍' ଓ ଆଣ୍ଟିଥେସିସ୍ ର ଉପାଦାନ ସାମିଲ ଥାଏ । ତେବେ ଏହି ତତ୍ତ୍ୱ ସମାଜର ସ୍ଥିରତା କୁ ବ୍ୟାଖ୍ୟା କରି ପାରି ନାହିଁ ।






ଏହିପରି ପୁନରାବୃତ୍ତି-.................

## ୧୮.୫ ସାମାଜିକ ପରିବର୍ତ୍ତନର ଧାରା (Patterns of Social Change)

ଏହା ଦେଖାଯାଇଛି ଯେ ସାମାଜିକ ପରିବର୍ତ୍ତନ ର କେତେକ ନିର୍ଦ୍ଦିଷ୍ଟ ଧାରା ରହିଛି । ବ୍ୟାପକ ସ୍ତର ରେ ପରିବର୍ତ୍ତନ ର କେତେକ ଧାରା ନିମ୍ନରେ ଆଲୋଚିତ ହୋଇଛି ।

୧. **ରେଖୀୟ ପରିବର୍ତ୍ତନ :** ଏହି ପ୍ରକାର ର ପରିବର୍ତ୍ତନ, ଏକ ସ୍ଥିତି ରୁ ଅନ୍ୟ ସ୍ଥିତି ପର୍ଯ୍ୟନ୍ତ ଏକ ସରଳ ରେଖୀୟ ପ୍ରଗତି କୁ ଦର୍ଶାଏ ।









ଉତ୍କର୍ଷ ଦିଗରେ, ସଭ୍ୟତାର ଏକ ଉନ୍ନତ ସ୍ଥିତିକୁ ସମାଜ ଧୀରେ ଧୀରେ ଗତି କରିଥାଏ । ଏଣୁ ଏହା ଏକ ସରଳ ରେଖୀୟ ଧାରାରେ ଗତି କରିଥାଏ । ଆଗାମୀ କାଲି କ'ଣ ଉଦ୍ଭାବିତ ହେବ ତାହା କେବଳ ଆଜିର ବସ୍ତୁ ଓ ଘଟଣା ବଳୀ ଉପରେ ଆଧାରିତ ନ ହୋଇ ଅତୀତ ର ଉଦ୍ଭାବନ ର ଉପ୍ତତ୍ତି ଉପରେ ମଧ୍ୟ ପର୍ଯ୍ୟବସିତ ହୋଇ ଥାଏ । ଯୋଗାଯୋଗ କ୍ଷେତ୍ରରେ ବିକାଶ ର ଜ୍ୱଳନ୍ତ ଉଦାହରଣ, ଟେଲିଫୋନ ମଧ୍ୟ ଏକ ରେଖୀୟ ଧାରା ରେ ଉଦ୍ଭାବିତ ହୋଇଥିଲା । ଏହା ଭୂତଳ ଲାଇନ୍ ରୁ ତାର ବିହୀନ (Cord - less) ସ୍ତର ମଧ୍ୟ ଦେଇ ଶେଷରେ ମୋବାଇଲ ଫୋନସ୍ତର ରେ ପହଞ୍ଚିଛି ।

୨. **ଚକ୍ରୀୟ ବା ଆବର୍ତ୍ତନୀୟ ପରିବର୍ତ୍ତନ (Cyclical Change) :** ଟିକେ ପାଖେଇ କରି ଦେଖିଲେ ଜଣାଯିବ ଯେ ଦ୍ରୁତ ପରିବର୍ତ୍ତନ ମାନ ବାରମ୍ବାର ସଂଘଟିତ ହେଉଥିବା ଏକ କାର୍ଯ୍ୟାବଳୀ ସମୁହର ଏକ ଆବର୍ତ୍ତନୀୟ ବା ଚକ୍ରୀୟ ଧାରା, ଯେପରିକି ଋତୁଚକ୍ର ର ଗତି, ଦିନ-ରାତି ହେବା, ଫସଲ ବୁଣା ଓ ଅମଳ ଇତ୍ୟାଦି ।

୩. **ଦୋଳାୟ ମାନ ପରିବର୍ତ୍ତନ (Fluctuating Change) :** ଯେତେବେଳେ ପରିବର୍ତ୍ତନ ର ସ୍ୱରୂପ ପ୍ରଗତି ଆଡକୁ ଅଗ୍ରସର ହେଲା ପରେ ବିପରୀତ ଦିଗରେ ଗତି କରେ ସେତେବେଳେ, ତାହାକୁ ଦୋଳାୟମାନ ପରିବର୍ତ୍ତନ କୁହାଯାଏ । ଅନ୍ୟ ଶବ୍ଦରେ, ଏହି କ୍ରମରେ ହେଉଥିବା ପରିବର୍ତ୍ତନ ର ପ୍ରବୃତ୍ତି ସ୍ଥିର ହୋଇନଥାଏ, ପରନ୍ତୁ କୃଷି କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ଭଳି ଅସ୍ଥିର ଓ ଏପଟ ସେପଟ ହୋଇ ଉତ୍ଥାନ ଓ ପତନ ଦିଗରେ ଗତି କରିଥାଏ । ଏହା ପ୍ରଚଳିତ ପରିସ୍ଥିତି ଦ୍ୱାରା ମଧ୍ୟ ନିୟନ୍ତ୍ରିତ ହୋଇଥାଏ । କୃଷି କ୍ଷେତ୍ରରେ ହୋଇଥିବା ନୂଆ ନୂଆ ପ୍ରଗତି ମୂଳକ ଉଦ୍ଭାବନ ସବୁ ମୌସୁମୀ ବର୍ଷା ର ବ୍ୟତିକ୍ରମ ଫଳରେ ନିଷ୍ଫଳ ହୋଇଯାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୮.୪

ଏକ ବାକ୍ୟରେ ଉତ୍ତର ଲେଖ ।

୧. ଚକ୍ରୀୟ ପରିବର୍ତ୍ତନ ର ଏକ ଉଦାହରଣ ଦିଅ ।

_______________________________________________

_______________________________________________

୨. ଦୋଳାୟ ମାନ ପରିବର୍ତ୍ତନ କ'ଣ ?

_______________________________________________

_______________________________________________

୩. ଚକ୍ରୀୟ / ଆବର୍ତ୍ତନୀୟ ସାମାଜିକ ପରିବର୍ତ୍ତନର ତତ୍ତ୍ୱ / ସିଦ୍ଧାନ୍ତ କୁ ବ୍ୟାଖ୍ୟା କର ।

_______________________________________________

_______________________________________________

୪. ସାମାଜିକ ପରିବର୍ତ୍ତନର ପ୍ରକାର୍ଯ୍ୟାତ୍ମକ ପରିବର୍ତ୍ତନ ର ବ୍ୟାଖ୍ୟା କର ।


_______________________________________________

_______________________________________________

୫. ସାମାଜିକ ପରିବର୍ତ୍ତନ କୁ ବ୍ୟାଖ୍ୟା କରିବା ପାଇଁ ସମାଜ ବିଜ୍ଞାନୀଙ୍କ ଦ୍ୱାରା ବ୍ୟବହୃତ ତିନିଟି ତତ୍ତ୍ୱ /ସିଦ୍ଧାନ୍ତ ର ନାମ ଲେଖ ।

_______________________________________________

_______________________________________________




ଟୀପ୍ପଣୀ

ବର୍ତ୍ତମାନ ସୁଦ୍ଧା ଆପଣ ମାନେ ଜାଣି ସାରିଛନ୍ତି ଯେ ସାମାଜିକ ପରିବର୍ତ୍ତନ ହେଉଛି ଏକ ସର୍ବ ବ୍ୟାପୀ ପ୍ରକ୍ରିୟା ଓ ସମୟ ର ପ୍ରବାହ ରେ ଏହା ଭିନ୍ନ ଭିନ୍ନ ଧାରା / ସ୍ୱରୂପ ଗ୍ରହଣ କରିଥାଏ । ଆପଣ ମାନେ, ସମାଜ ବିଜ୍ଞାନୀ ମାନଙ୍କ ଦ୍ୱାରା, ସାମାଜିକ ପରିବର୍ତ୍ତନ ର ସ୍ୱଭାବ ଓ ପରିମାଣ କୁ ବ୍ୟକ୍ତ କରିବା ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ଧାରଣା ଓ ପଦ (ଶବ୍ଦ) ମାନଙ୍କ ସହିତ ମଧ୍ୟ ପରିଚିତ ହୋଇସାରିଛନ୍ତି । କିନ୍ତୁ ବର୍ତ୍ତମାନ ପ୍ରଶ୍ନ ହେଉଛି ସମାଜରେ ପରିବର୍ତ୍ତନ ପାଇଁ କେଉଁ କେଉଁ କାରକ ମାନେ ଦାୟୀ । ଆଗାମୀ ଅଧ୍ୟାୟ ରେ ସାମାଜିକ ପରିବର୍ତ୍ତନର କେତେକ ପ୍ରମୁଖ ପ୍ରକ୍ରିୟା ମାନଙ୍କର ଅବତାରଣା କରାଯାଇଛି ।

## କ'ଣ ଶିଖିଲେ

- ସାମାଜିକ ପରିବର୍ତ୍ତନ ହେଉଛି କେବଳ ସେହି ସବୁ ବିକଳ୍ପ ସହିତ ସମ୍ବନ୍ଧିତ, ଯାହା ସମାଜ ଓ ଏହାର ସଂସ୍କୃତିରେ ସଂଘଟିତ ହୁଏ ।
- ଭିନ୍ନ ଭିନ୍ନ ସମାଜରେ ସାମାଜିକ ପରିବର୍ତ୍ତନ ର ହାର ଭିନ୍ନ ପ୍ରକାର ର ହୋଇଥାଏ ।
- ସାମାଜିକ ପରିବର୍ତ୍ତନ ର ବିଭିନ୍ନ ଦିଗକୁ ଜାଣିଶୁଣି ପ୍ରୋତ୍ସାହିତ କରାଯାଏ ।
- ସାମାଜିକ ପରିବର୍ତ୍ତନ ଏକ ସର୍ବବ୍ୟାପୀ ପ୍ରକ୍ରିୟା ଅଟେ ।
- ସାମାଜିକ ପରିବର୍ତ୍ତନ କୁ ଏକ ନିରପେକ୍ଷ / ତଟସ୍ଥ ଧାରଣା ଭାବରେ ବୁଝାଯାଏ ।
- କ୍ରମ-ବିକାଶ ମଧ୍ୟରେ, ମୂଳତଃ ଉଭୟ ଆକାର ଓ ସଂରଚନା ରେ ଘଟୁଥିବା ଅନ୍ତର୍ନିହିତ ପରିବର୍ତ୍ତନ ସାମିଲ ଥାଏ । ତେଣୁ କ୍ରମ-ବିକାଶ ହେଉଛି ଏକ ନିର୍ଦ୍ଦିଷ୍ଟ ଦିଗରୁ ପରିବର୍ତ୍ତନକୁ ଦର୍ଶାଉଥିବା ନିରନ୍ତରତା ର ଏକ ଅଭିବ୍ୟକ୍ତି ।
- ବିପ୍ଳବ ହେଉଛି ଏକ ଆକସ୍ମିକ ଓ ଇତଃସ୍ତତ ଘଟଣା, ଯାହା ପ୍ରଚଳିତ ସମାଜ ବ୍ୟବସ୍ଥାକୁ ଉତ୍ପାଟନ କରି ଥାଏ । ଏହି ପରିବର୍ତ୍ତନ ଖୁବ୍ କମ୍ ସମୟ ମଧ୍ୟରେ ଆସିଥାଏ ।
- ବିପ୍ଳବ ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ଅନ୍ୟାୟ-ଅତ୍ୟାଚାର-ଶୋଷଣ ପୂର୍ଣ୍ଣ ସମାଜରୁ ଲୋକଙ୍କୁ ମୁକ୍ତ କରିବା ।
- ପ୍ରଗତି ହେଉଛି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦିଗରେ ଘଟୁଥିବା ନିର୍ଦ୍ଦିଷ୍ଟ ପରିବର୍ତ୍ତନ । ଏହାକୁ ମଧ୍ୟ ଆଶା କରାଯାଇଥିବା ଜୀବନ-ମୂଲ୍ୟବୋଧର ପରିପୂରଣ କୁହାଯାଏ ।
- ପ୍ରଗତି ଦୁଇଟି କାରକ ଉପରେ ନିର୍ଭର କରିଥାଏ -ଲକ୍ଷ୍ୟର ସ୍ୱଭାବ (nature of the end) ଓ ଏହା ଠାରୁ ଆମର ଦୂରତା (Our distance from it)
- ବିକାଶ ହେଉଛି ଏକ ନିର୍ଦ୍ଦିଷ୍ଟ ଦିଗର ଯୋଜନାକୃତ ପରିବର୍ତ୍ତନ ର ଏକ ରଣ-କୌଶଳ, ଯାହା ସମାଜ ର ସଦସ୍ୟ ମାନଙ୍କ ଦ୍ୱାରା ଅଣାକରାଯାଏ ।
- ବିକାଶ ହେଉଛି ଏକ ମୂଲ୍ୟ-ଯୁକ୍ତ ଧାରଣା (Value - Loaded Concept) ଯାହା ଏକ ନିର୍ଦ୍ଦିଷ୍ଟ ସମାଜର ସାମାଜିକ-ସାଂସ୍କୃତିକ ଓ ଅର୍ଥନୈତିକ ଆବଶ୍ୟକତା ସବୁକୁ ବିଚାରକୁ ନେଇଥାଏ ।
- ସାମାଜିକ ପରିବର୍ତ୍ତନ ର କେତେକ ନିର୍ଦ୍ଦିଷ୍ଟ ଧାରା ରହିଛି, -
  ୧. ରେଖୀୟ ପରିବର୍ତ୍ତନ
  ୨. ଚକ୍ରୀୟ ପରିବର୍ତ୍ତନ
  ୩. ଦୋଳାୟ ମାନ ପରିବର୍ତ୍ତନ ।
- ସାମାଜିକ ପରିବର୍ତ୍ତନ ର ଚାରିଟି ମୁଖ୍ୟ ତତ୍ତ୍ୱ ହେଲା -







୧. କ୍ରମ-ବିକାଶ ତତ୍ତ୍ୱ
୨. ଚକ୍ରୀୟ / ଆବର୍ତ୍ତନୀୟ ତତ୍ତ୍ୱ
୩. ପ୍ରକାର୍ଯ୍ୟାତ୍ମକ ତତ୍ତ୍ୱ
୪. ସଂଘର୍ଷ ତତ୍ତ୍ୱ

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସାମାଜିକ ପରିବର୍ତ୍ତନ ର ଲକ୍ଷଣ ମାନ ଦର୍ଶାଅ ।

୨. କ୍ରମ-ବିକାଶ ଓ ପରିବର୍ତ୍ତନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୩. "ପ୍ରଗତି" ଓ "ବିକାଶ" ମଧ୍ୟରେ ଥିବା ଛ'ଗୋଟି ପାର୍ଥକ୍ୟ ଲେଖ ।

୪. ସମାଜରେ ବାରମ୍ବାର ଦେଖାଯାଉଥିବା ସାମାଜିକ ପରିବର୍ତ୍ତନ ର ଧାରାକୁ ବିଶ୍ଳେଷଣ କର ।

୫. ସାମାଜିକ ପରିବର୍ତ୍ତନ ର ସଂଘର୍ଷ ତତ୍ତ୍ୱ କୁ 125 ଶବ୍ଦରେ ବୁଝାଅ ।

## ପାରିଭାଷିକ ଶବ୍ଦାବଳୀ (GLOSSARY)

୧. ଅବସ୍ଥାନ୍ତର (Variation) : ଭିନ୍ନ ଭିନ୍ନ ପ୍ରକାର ପରିବର୍ତ୍ତିତ ହେବା ।

୨. ତଟସ୍ଥାବସ୍ଥା (Neutral Position) : ନିରପେକ୍ଷ ରହିବା ଯାହାକି ସକାରାତ୍ମକ ବା ନକାରାତ୍ମକ ହୋଇନଥାଏ ।

୩. Transition : ଏକ ସ୍ଥିତି ରୁ ଅନ୍ୟ ସ୍ଥିତିକୁ ପରିବର୍ତ୍ତିତ ହେବା ।

୪. ପୁନର୍ଜାଗରଣ (Emancipation) : ସାମାଜିକ ପରିବର୍ତ୍ତନରେ ସମାଜର ରକ୍ଷଣ ଶୀଳତା ରୁ ମୁକ୍ତ ରହିବା ।

୫. ନୈସର୍ଗିକ (Intrinsic) : ଅତ୍ୟାବଶ୍ୟକୀୟ ସହିତ ସ୍ୱାଭାବିକ ଭାବରେ ଜଡ଼ିତ ରହିବା ।

୬. ଅଣ-ପଶ୍ଚାତ୍ ଗତି (Irreversible) : ପୂର୍ବକୁ ଫେରି ହେଉନଥିବା ।

୭. ଶୋଷଣ-ପୂର୍ଣ୍ଣ (Oppressive) : ନିର୍ଦ୍ଦୟ, କଠୋର ତଥା ନିୟନ୍ତ୍ରକ

୮. ପୁନଃ ସ୍ଥାପନ (Restoration) : ମୌଳିକ ସ୍ୱରୂପ କୁ ଫେରିବା ।

୯. ଦୃଢ଼ ପୁନଃ ପ୍ରଚଳନ (Reinforcement) : ଦୃଢ଼ ଭାବରେ ପୁନର୍ବାର ପ୍ରଚଳିତ କରିବା ।

୧୦. ରଣ କୌଶଳ (Strategy) : କାର୍ଯ୍ୟ-ଯୋଜନା ପରିଚାଳନା ଓ ନୀତି ନିର୍ଦ୍ଧାରଣ ।

୧୧. ମୂଲ୍ୟ-ଯୁକ୍ତ (Value-Loaded) : ଏକ ଧାରଣା ର ବ୍ୟକ୍ତି-ପରକ ବ୍ୟାଖ୍ୟା (Subjective interpretations) ବିଶେଷ କରି ସକାରାତ୍ମକ ଓ ଉତ୍ତମ ।

୧୨. କଳିଯୁଗ : ଏକ ଅନ୍ଧକାର ମୟ ଯୁଗ, ଯେଉଁ ଠାରେ ସତ୍ୟ ଧର୍ମ ନ୍ୟାୟ ଉପରେ ଅସତ୍ୟ ଅଧର୍ମ ଅନ୍ୟାୟର ବିଜୟ ହୋଇଥାଏ ।

୧୩. ବେଦ : ହିନ୍ଦୁମାନଙ୍କର ଚାରିଟି ମୌଳିକ ଧର୍ମ ଗ୍ରନ୍ଥ ।

୧୪. ସତ୍ୟଯୁଗ : ଏହା ଏକ ସମୟାବଧି, ଯେଉଁ ଥିରେ ସତ୍ୟ ଧର୍ମ ନ୍ୟାୟର ବିଜୟ ହୋଇଥାଏ ।

୧୫. ଥେସିସ୍ - ପ୍ରମାଣିତ, ତଥା ପ୍ରମାଣ କରାଯିବା କୁ ଥିବା ସିଦ୍ଧାନ୍ତ ।

୧୬. ଆଣ୍ଟିଥେସିସ୍ - ଦୁଇ ବସ୍ତୁ ବା ଚିନ୍ତାଧାରା ମଧ୍ୟରେ ଥିବା ପାର୍ଥକ୍ୟ ।



ଟୀପ୍‌ପଣୀ

୧୭. ସିନ୍ଥେସିସ୍ : ଏକ ମିଶ୍ରିତ ସିଦ୍ଧାନ୍ତ ଯେଉଁ ଥିରେ ଉଭୟ ଥେସିସ୍ ଓ ଆଣ୍ଟିଥେସିସ୍ ର ଉପାଦାନ ମାନ ସାମିଲ ଥା'ନ୍ତି ।

୧୮. ଦ୍ୱନ୍ଦ୍ୱ-ତତ୍ତ୍ୱ (Dialectics) : ବିଭିନ୍ନ ସାମାଜିକ ଶ୍ରେଣୀର ଲୋକ ମାନଙ୍କର ପରସ୍ପର ବିରୋଧୀ ଚିନ୍ତାଧାରା ର ସଂଘର୍ଷ ।

୧୯. ବିବିଧତା (Diversity) : ଭିନ୍ନତା

୨୦. ତର୍କ ସଂଗତ (Rational) : ତର୍କ ଆଧାରିତ, ବିଚାର ପୂର୍ଣ୍ଣ ।

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

**୧୮.୧**

୧. ସ୍ଥିର / ଅପରିବର୍ତ୍ତନୀୟ

୨. ମୂଲ୍ୟ-ନିରପେକ୍ଷ

୩. ଆନ୍ତଃ କ୍ରିୟା ମାନ

୪. ଢାଞ୍ଚା ବା ସଂରଚନା

୫. ବ୍ରହ୍ମାଣ୍ଡ (Universe)

**୧୮.୨**

୧. ଭୁଲ,    ୨. ଠିକ୍,    ୩. ଠିକ୍,    ୪. ଭୁଲ୍

**୧୮.୩**

୧. ସାମାଜିକ ପରିବର୍ତ୍ତନ କହିଲେ କେବଳ ସେହି ସବୁ ପରିବର୍ତ୍ତନ କୁ ବୁଝାଏ, ଯାହା ସମାଜର ସଂସ୍କୃତି, ସଂରଚନା ଓ ପ୍ରକାର୍ଯ୍ୟ ରେ ଦେଖାଯାଏ ।

୨. (କ) ଏହା ଏକ ସର୍ବ ବ୍ୟାପୀ ପ୍ରକ୍ରିୟା ଅଟେ ।

(ଖ) ଏହା ସବୁ ଠାରେ ସମ-ପ୍ରକାରରେ ଘଟି ନ ଥାଏ ।

(ଗ) ଏହାର ସମୟ ବ୍ୟବଧାନ ଭିନ୍ନ ଭିନ୍ନ ହୋଇଥାଏ ।

(ଘ) ଏହା ଏକ ମୂଲ୍ୟ-ନିରପେକ୍ଷ ଧାରଣା ।

୩. କ୍ରମ ବିକାଶ ହେଉଛି, ଏକ ସମୟାବଧିରେ ସମାଜର ସ୍ୱରୂପ, ସାମର୍ଥ୍ୟରେ, ସରଳ ରୁ ଜଟିଳ ଦିଗରେ ହେଉଥିବା ପ୍ରଗତି ମୂଳକ ବିଭାଗୀ କରଣ ।

୪. ବିପ୍ଳବ ହେଉଛି ପ୍ରଚଳିତ ସମାଜ ବ୍ୟବସ୍ଥାରେ ଘଟୁଥିବା ଦ୍ରୁତ, ଆକସ୍ମିକ, ଇତଃସ୍ତତ ତଥା ସଂପୂର୍ଣ୍ଣ ପରିବର୍ତ୍ତନ ଯାହା ନୂତନ ସମାଜ ବ୍ୟବସ୍ଥାକୁ ଜନ୍ମ ଦିଏ । ଏହାର ବିପରୀତ, ବିରୋଧ-ବିପ୍ଳବ ହେଉଛି ସେହି ସବୁ ଆନ୍ଦୋଳନ ଯାହା ବିପ୍ଳବ ପୂର୍ବର ପୁରାତନ ଓ ପାରଂପାରିକ ବ୍ୟବସ୍ଥା କୁ ପୁନଃ-ସ୍ଥାପନ କରିଥାଏ ।

୫. ପ୍ରଗତି ହେଉଛି ଏକ ସଂଚାଳନ ଯାହା ଏକ ନିର୍ଦ୍ଦିଷ୍ଟ ଦିଗରେ, (ସକାରାତ୍ମକ ଓ ତାର୍କିକ ବିଚାର ଦ୍ୱାରା ପ୍ରଭାବିତ ହୋଇ) ଗତିକରି ଏକ ଚୁଡ଼ାନ୍ତ ଲକ୍ଷ୍ୟ ପାଖରେ ପହଞ୍ଚିଥାଏ । ବିକାଶ ହେଉଛି ଏକ ନିର୍ଦ୍ଦିଷ୍ଟ ଦିଗରେ କରାଯାଉଥିବା ଯୋଜନାକୃତ ପରିବର୍ତ୍ତନର ରଣ-କୌଶଳ, ଯାହା ସମାଜର

ସବୁ ସଦସ୍ୟ ଆଶା କରିଥା'ନ୍ତି ଓ ଯାହା କୌଣସି ଅଞ୍ଚଳ ବିଶେଷରେ ସୀମିତ ନ ରହି ସମଗ୍ର ସମାଜ ପାଇଁ ଉପଯୋଗୀ ହୋଇଥାଏ ।

**୧୮.୪**

୧. ବ୍ୟାପାର ରେ ଉନ୍ନତି ହୁଏ, ତାହାର ପତନ ହୁଏ; ବ୍ୟବସାୟିକ, ବ୍ୟାପାରିକ କାର୍ଯ୍ୟ କଳାପ ବଢେ, ଶିଖର ରେ ପହଞ୍ଚେ, ପୁଣି ତଳକୁ ଖସେ ଓ ପୁନର୍ବାର ମୂଳ ରୁ ଆରମ୍ଭ ହୁଏ ।

୨. ଯେତେବେଳେ ପରିବର୍ତ୍ତନ ପ୍ରଗତି ଆଡ଼କୁ ଗତିକରି ବା ପରେ ପୁନଃ ବିପରୀତ ଦିଗରେ ପ୍ରତ୍ୟାବର୍ତ୍ତନ କରେ, ଅର୍ଥାତ୍ ଏହା ସମର୍ଥିତ ଓ ଅସମର୍ଥିତ ପରିସ୍ଥିତି ଆଧାରରେ ଉତ୍ଥାନ-ପତନ ମଧ୍ୟ ଦେଇ ଗତି କରେ, ସେତେବେଳେ ଏହାକୁ ଦୋଳାୟମାନ ପରିବର୍ତ୍ତନ କୁହାଯାଏ ।

୩. ଏହାର ଏକ ଉପଯୁକ୍ତ ଉଦାହରଣ ହେଲା କୃଷି କ୍ଷେତ୍ରରେ ଉନ୍ନତି-ଜୈବିକ ଖତର ବ୍ୟବହାର ସମୟ ରୁ ଆରମ୍ଭ କରି ରାସାୟନିକ ସାର ର ବ୍ୟବହାର ସ୍ଥିତିରେ ପହଞ୍ଚିଥିଲା । ଏହା ପୁନର୍ବାର ସେହି ଜୈବିକ ଖତ ବ୍ୟବହାର ସମୟକୁ ଫେରି ଆସିଛି ।

୪. ସାମାଜିକ ପରିବର୍ତ୍ତନ କୁ ବ୍ୟାଖ୍ୟା କରିବାକୁ ଯାଇ ସମାଜ ବିଜ୍ଞାନୀ ମାନେ ଯେଉଁ ଚାରିଟି ସିଦ୍ଧାନ୍ତ / ତତ୍ତ୍ୱ ର ସାହାଯ୍ୟ ନେଇଥା'ନ୍ତି । ସେମାନେ ହେଲେ -

(କ) କ୍ରମ-ବିକାଶ ତତ୍ତ୍ୱ

(ଖ) ଚକ୍ରୀୟ / ଆବର୍ତ୍ତନୀୟ ତତ୍ତ୍ୱ

(ଗ) ପ୍ରକାର୍ଯ୍ୟାତ୍ମକ ତତ୍ତ୍ୱ

(ଘ) ସଂଘର୍ଷ ତତ୍ତ୍ୱ ।